# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 March - 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାକାଲି ଅନ୍ତର୍ଜାତୀୟ ମହିଳା ଦିବସରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି
- ଲୋକମାନଙ୍କ ପାଖରେ ଗୁଣବତ୍ତାପୂର୍ଣ୍ଣ ଔଷଧ ଶସ୍ତା ଓ ସୁଲଭ ମୂଲ୍ୟରେ ଯୋଗାଇଦେବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଅଷ୍ଟମ ଜନଔଷଧି ଦିବସ
- ରାଜ୍ୟରେ ଆସନ୍ତା ମଇ ମାସ ପହିଲାରୁ ୨୦ ଟି ଜିଲ୍ଲାରେ ଆରମ୍ଭ ହେବ ରବି ଧାନ ସଂଗ୍ରହ ପ୍ରକ୍ରିୟା
- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଜାତୀୟ ରଗ୍‌ବୀ ପ୍ରଥମ ଡିଭିଜନ ହେବ ଆରମ୍ଭ

— ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲରେ ଦୁଇ ଦଳ ମଧ୍ୟରେ ଖେଳାଯିବ ୪ଟି ମ୍ୟାଚ

ଏବଂ

- ପଶ୍ଚିମା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

## ସୁଭଦ୍ରା

ରାଜ୍ୟରେ ମହିଳା ହିତାଧିକାରୀଙ୍କୁ ଆସନ୍ତାକାଲି ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରାଯିବ। ଭୁବନେଶ୍ୱରଠାରେ ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ୧ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଏହି ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯିବ। ରାଜ୍ୟ ସରକାର ଆସନ୍ତାକାଲିର କିସ୍ତି ବାବଦରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଚଳିତବର୍ଷ ୨ ଲକ୍ଷ ୧୩ ହଜାର ନୂଆ ମହିଳା ହିତାଧିକାରୀ ଯୋଜନାରେ ସାମିଲ ହୋଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

# ଜନଔଷଧୀ ଦିବସ

ଅଷ୍ଟମ ଜନଔଷଧୀ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଗୁଣାତ୍ମକ ଜେନେରିକ୍ ଔଷଧ ପ୍ରଦାନ ଲକ୍ଷ୍ୟ ନେଇ କାର୍ଯ୍ୟକାରୀ କରାଯାଇଥିବା ଏହି ଯୋଜନା ସଂପର୍କରେ ଅଧିକ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ମାସ ୭ ତାରିଖକୁ ଜନଔଷଧୀ ଦିବସ ଭାବେ ପାଳନ କରାଯାଇଥାଏ ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସବୁଠାରୁ ମୂଲ୍ୟବାନ ସମ୍ପଦ । ଦେଶର ଜନସାଧାରଣଙ୍କୁ ଶସ୍ତା ଓ ଗୁଣବତ୍ତାପୂର୍ଣ୍ଣ ଔଷଧକୁ ସୁଲଭ ମୂଲ୍ୟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଆଜିର ଦିନରେ ଜନଔଷଧି ଦିବସ ପାଳନ କରାଯାଉଛି ।  କେନ୍ଦ୍ର ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନରେ  ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ସ୍ଥାପନ କରାଯାଉଛି । ଜନଔଷଧି କେନ୍ଦ୍ରରେ ବିଭିନ୍ନ ପ୍ରକାର ରୋଗ ପାଇଁ ଔଷଧ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯାଉଛି । ୨୦୦୮ ମସିହା ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଆରମ୍ଭ କରାଯାଇଥିଲା । ଔଷଧର ବଜାର ଦରଠାରୁ ୫୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଦେଶରେ ଜନଔଷଧୀ କେନ୍ଦ୍ରଗୁଡ଼ିକ ଜରିଆରେ ଔଷଧ ଯୋଗାଇ ଦିଆଯାଉଛି ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଭାରତୀୟ ଜନଔଷଧି ପରିଯୋଜନା ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇଛି । ଅଗଣିତ ପରିବାର ଏହା ଦ୍ୱାରା ସୁଫଳ ପାଇବା ସହ ସେମାନଙ୍କର ସ୍ୱାସ୍ଥ୍ୟସେବା ବାବଦ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି ।

ଏହି ପରିଯୋଜନା ଦେଶବାସୀଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ପାଇବା ସୁନିଶ୍ଚିତ କରିବା ସଂକ୍ରାନ୍ତ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ସଙ୍କଟର ସାଥୀ ସାବ୍ୟସ୍ତ ହୋଇଛି। ରାଜ୍ୟରେ ୮୦୦ରୁ ଊର୍ଦ୍ଧ୍ୱ ଜନଔଷଧି କେନ୍ଦ୍ର ମାଧ୍ୟମରେ ପ୍ରତିଟି ନାଗରିକଙ୍କ ପାଖରେ ଶସ୍ତା ଓ ଗୁଣାତ୍ମକ ଜେନେରିକ୍ ଔଷଧ ଅତି ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି।

ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍‌ରେ ଏବଂ ପୌରାଞ୍ଚଳର ୪ଟି ସ୍ଥାନରେ ଥିବା ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରୁ ଶସ୍ତା ଏବଂ ସୁବିଧାରେ ଲୋକମାନେ ଔଷଧ ପାଇ ପାରୁଛନ୍ତି। ବଜାର ଦର ଠାରୁ ବହୁ କମ୍ ମୂଲ୍ୟରେ ଜନଔଷଧି ଉପଲବ୍ଧ ହେଉଥିବାରୁ ଆଜି ଜନଔଷଧି ଦିବସ ପାଳନ ଅବସରରେ ଜିଲ୍ଲାର ସବୁ ବର୍ଗର ହିତାଧିକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲାରେ ଜନଔଷଧି ବିତରଣ ସମ୍ପର୍କରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କହିଛନ୍ତି....

## - V/O -

ଜନଔଷଧି କେନ୍ଦ୍ରରୁ ମିଳୁଥିବା ସୁବିଧା ସମ୍ପର୍କରେ ଜିଲ୍ଲାର ଜଣେ ହିତାଧିକାରୀ ଆକାଶବାଣୀକୁ କହିଛନ୍ତି....

# - V/O -

ସୁସ୍ଥ ସମାଜ ଗଢ଼ିବା ପାଇଁ ଶସ୍ତା ଓ ଗୁଣବତ୍ତାପୂର୍ଣ୍ଣ ଔଷଧର ଉପଲବ୍ଧତା ଅତ୍ୟନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟସେବା ସମାଜର ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁଲଭ ହେବା ଦରକାର ବୋଲି ଜନଔଷଧି ଦିବସ ବାର୍ତ୍ତା ଦେଉଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ତେଲ ମହଜୁଦ

ରାଜ୍ୟରେ ଯଥେଷ୍ଟ ପରିମାଣର ତେଲ ଗଚ୍ଛିତ ରହିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଭୁବନେଶ୍ୱରଠାରେ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ପାତ୍ର କହିଛନ୍ତି, ବିଭ୍ରାନ୍ତିକର ତଥ୍ୟକୁ ଗୁରୁତ୍ୱ ନ ଦେଇ  ସରକାରୀ ତଥ୍ୟ ଉପରେ ବିଶ୍ୱାସ ରଖନ୍ତୁ। ସରକାର କଳାବଜାରୀ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେଲ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମହଜୁଦ ରହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି।

## ଧାନ ସଂଗ୍ରହ

ରାଜ୍ୟରେ ଆସନ୍ତା ମେ’ ମାସ ପହିଲାରୁ ରବି ଧାନ ସଂଗ୍ରହ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଏକ ସଂସ୍ଥା, ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ଲିମିଟେଡ, ପ୍ୟାକ୍ସ, ଲ୍ୟାମ୍ପସ୍, ପାଣି ପଞ୍ଚାୟତ ଆଦି ମାଧ୍ୟମରେ ଚାଷୀଙ୍କ ଅତିରିକ୍ତ ଧାନ କ୍ରୟ କରାଯିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩ ଶହ ୬୯ ଟଙ୍କା ପ୍ରଦାନ କରାଯିବ। ଏମ୍ଏସ୍ପି ବ୍ୟତୀତ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର କୃଷକ ସମୃଦ୍ଧି ଯୋଜନା ଅଧୀନରେ ଇନ୍‌ପୁଟ୍ ସହାୟତା କୁଇଣ୍ଟାଲ ପ୍ରତି ୭୩୧ ଟଙ୍କା ପ୍ରଦାନ କରାଯିବ।

ଚଳିତବର୍ଷ ୨୦ଟି ଜିଲ୍ଲାରେ ଧାନ କ୍ରୟ କରାଯିବାକୁ ସ୍ଥିର କରାଯାଇଛି । ସରକାରଙ୍କୁ ବଳକା ଧାନ ଯୋଗାଇବାକୁ ଇଚ୍ଛୁକ ଚାଷୀମାନଙ୍କୁ ନିକଟସ୍ଥ ଅଧୀକୃତ ପ୍ୟାକ୍ସ, ଲ୍ୟାମ୍ପସ୍ ଓ ପାଣି ପଂଚାୟତରେ ନିଜର ନାମ ପଞ୍ଜୀକରଣ କରିବାକୁ ପଡିବ । ଧାନକ୍ରୟ ପ୍ରକ୍ରିୟା ଆସନ୍ତା ଜୁନ୍ ମାସ ୩୦ ତାରିଖ୍ ପର୍ଯ୍ୟନ୍ତ ଚାଲିବ ।

# ଚୈତ୍ର ପର୍ବ

**ଗଞ୍ଜାମ**ର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ବହୁ ପ୍ରତୀକ୍ଷିତ ଚୈତ୍ର ପର୍ବ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ । ଚଳିତ ମାର୍ଚ୍ଚ ମାସର ୪ଟି ମଙ୍ଗଳବାର ୧୦, ୧୭, ୨୪ ଏବଂ ୩୧ ତାରିଖ ଦିନ ମା'ଙ୍କ ଚୈତ୍ର ପର୍ବ ଅନୁଷ୍ଠିତ ହେବ । ଚୈତ୍ର ପର୍ବକୁ ସରସ ଓ ସୁନ୍ଦର ଭାବରେ ପାଳନ କରିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଗତକାଲି ସନ୍ଧ୍ୟାରେ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ଆବଶ୍ୟକୀୟ ପାନୀୟ ଜଳ ଓ ଏହାର ସଠିକ୍ ବିନିଯୋଗ, ମନ୍ଦିରର ସାଜସଜ୍ଜା ଓ ଆଲୋକୀକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା । ପୂର୍ବ ବର୍ଷରେ ଦେଖାଦେଇଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଚଳିତବର୍ଷ ସମସ୍ତ

ସୁବିଧା କରିବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଚୈତ୍ର ପର୍ବ ସମୟରେ ମନ୍ଦିର ଉପରକୁ ଯିବା ପାଇଁ ବସ୍ ଭଡା ୩୦ ଟଙ୍କା ଓ ରୋପ୍-ୱେ ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି । ମା' ତାରାତାରିଣୀଙ୍କ ୱେବ୍‌ସାଇଟ୍‌କୁ ଅଧିକ ସହଜ ଓ କ୍ରିୟାଶୀଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଅନ୍‌ଲାଇନ୍‌ରେ ଭକ୍ତମାନଙ୍କ  ଅର୍ପଣ ଅର୍ଥ ଗ୍ରହଣ ସକାଶେ ମନ୍ଦିର ଇ-ହୁଣ୍ଡିର ଲୋକାର୍ପଣ କରାଯାଇଥିଲା ।

# ମହିଳା ଦିବସ

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ପ୍ରଥମ ଦିନର କାର୍ଯ୍ୟକ୍ରମ ମାଲକାନଗିରି ସ୍ପୋର୍ଟସ୍ କମ୍ପେକ୍ସଠାରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ନରସିଂହ ମାଡକାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିବସରେ ଅନୁଷ୍ଠିତ ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମରେ ଶାରୀରିକ ଫିଟ୍‌ନେସ୍, ପୋଷଣ ଏବଂ ମାନସିକ ସୁସ୍ଥତା ପାଇଁ ସାମୂହିକ ଯୋଗ ଅଧିବେଶନ ସମ୍ପର୍କରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

## ତାଲିମ୍ କାର୍ଯ୍ୟକ୍ରମ

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝୀଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରଶିକ୍ଷକ

ଭାବେ ସୁଧୀର କୁମାର ପ୍ରଧାନ ଓ ଅନୁରାଧା ବାରିକ୍ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଦାରିଦ୍ର୍ୟମୁକ୍ତ, କ୍ଷୁଧାମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା, ଜଳଭିତରର ଜୀବନ, ନ୍ୟାୟ ଏବଂ ଦୃଢ଼ ପ୍ରତିଷ୍ଠାନ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗୀତା ଉପରେ ତାଲିମ୍ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଓ ପଂଚାୟତସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ନିଶାମୁକ୍ତ ଅଭିଯାନ

**ନବରଙ୍ଗପୁର** ପାପଡାହାଣ୍ଡି ପଂଚାୟତ ସମିତି ଆନୁକୂଲ୍ୟରେ ନିଶାମୁକ୍ତ ଓଡ଼ିଶା, ନିଶାମୁକ୍ତ ଭାରତ ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବାହାରି ଥିବା ପଟୁଆରରେ ବ୍ଲକ୍ ଅଧ୍ୟକ୍ଷା ହେମଲତା ମାଝୀଙ୍କ ସମେତ  ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଏବଂ ଗ୍ରାମବାସୀ ସାମିଲ ହୋଇ ନିଶାମୁକ୍ତ ଭାରତ ଗଠନ ପାଇଁ ସ୍ଲୋଗାନ୍ ସହ ଗ୍ରାମ ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ୍ ପରିସରରେ ଆୟୋଜିତ ସଭାରେ ନିଶାର କୁପରିଣାମ, ନିଶାମୁକ୍ତ ଗାଁ ଓ ନିଶାମୁକ୍ତ ସହର ଗଠନରେ ସମସ୍ତଙ୍କ ସହଯୋଗ ଉପରେ ଆଲୋଚନା ହେବା ସହ ନିଶାମୁକ୍ତ ଓଡ଼ିଶା ଓ ନିଶାମୁକ୍ତ ଭାରତ ପାଇଁ ସମସ୍ତେ ଶପଥ ନେଇଥିଲେ।

# ରଗ୍‌ବୀ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ ଜାତୀୟ ରଗ୍‌ବି ପ୍ରଥମ ଡିଭିଜନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଜି ପୁରୁଷ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଅପରାହ୍ଣ ୩ ଟା ୩୦ରୁ ରାତି ୮ଟା ପର୍ଯ୍ୟନ୍ତ ଟିମ୍-ଏ'ର

୪ଟି ଦଳ ଓ ଟିମ୍-ବି’ର ୪ଟି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତୀୟ ରଗ୍‌ବୀ ଫୁଟବଲ ସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ୟୁନିୟନର ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦଳରେ ୧୫ଜଣ ଖେଳାଳି ରହିବେ। ପୁରୁଷବର୍ଗରେ ୧୦ଟି ଏବଂ ମହିଳା ବର୍ଗରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି ।

## ପାଣିପାଗ

ପଶ୍ଚିମା ଘୂର୍ଣ୍ଣିବଳୟର ପ୍ରଭାବରେ ବଙ୍ଗୋପସାଗର ଆଡୁ ଜଳୀୟବାଷ୍ପ ବାୟୁର ପ୍ରବାହ ବୃଦ୍ଧି ପାଇଥିବାରୁ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଆଜିଠାରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଜିଲ୍ଲାଗୁଡ଼ିକରେ ବିଜୁଳି ଘଡଘଡ଼ି ସହ ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ ଅନୁମାନ କରାଯାଇଛି ବୋଲି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି....

**- V/O -**